# ୮୭ କାଉଣ୍ଟରରେ ମିଳିବ ସଂରକ୍ଷିତ ଟିକେଟ୍

ଭୁବନେଶ୍ୱର,୨୨ମଇ/ଏନ୍ଏନ୍ଏସ୍: ଗୁରୁବାର ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସଂରକ୍ଷିତ ଟିକେଟ୍ ପାଇଁ ୧୨ କାଉଣ୍ଟର ଖୋଲିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା ବେଳେ ଶୁକ୍ରବାର ଏହି ସଂଖ୍ୟା ୮୭କୁ ବୃଦ୍ଧି ପାଇଛି । ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଓଡ଼ିଶା ପାଇଁ ୩୬ଟି କାଉଣ୍ଟର ଖୋଲିବାକୁ ଥିବା ବେଳେ ଆନ୍ଧ୍ରପ୍ରଦେଶ ପାଇଁ ୩ଟି କାଉଣ୍ଟର ଖୋଲିଛି । ୱାଲଟିୟର ଡିଭିଜନ ଅଧୀନରେ ଓଡ଼ିଶା ପାଇଁ ୬ଟି କାଉଣ୍ଟର ଖୋଲିଥିବା ବେଳେ ଆନ୍ଧ୍ରପ୍ରଦେଶ ପାଇଁ ୨୦ ଏବଂ ଛତିଶଗଡ଼ ପାଇଁ ୪ଟି କାଉଣ୍ଟର ଖୋଲିଛି । ସେହିପରି ସମ୍ବଲପୁର ଡିଭିଜନ ଅଧୀନରେ ଓଡ଼ିଶା ପାଇଁ ୪୫ଟି କାଉଣ୍ଟର ଖୋଲିଥିବା ବେଳେ ଛତିଶଗଡ଼ ପାଇଁ ୩ଟି କାଉଣ୍ଟର ଖୋଲିଛି । ଏହିକ୍ରମରେ ଇଷ୍ଟକୋଷ୍ଟ ରେଲୱେ ଅଧୀନରେ ଓଡ଼ିଶା ପାଇଁ ୮୭ଟି, ଆନ୍ଧ୍ରପ୍ରଦେଶ ପାଇଁ ୨୩ ଏବଂ ଛତିଶଗଡ଼ ପାଇଁ ୭ଟି ଟିକେଟ୍ କାଉଣ୍ଟର ଖୋଲିଥିବା ଜଣାପଡ଼ିଛି । ତେବେ କେବଳ ନନ୍କମ୍ପ୍ୟୁଟରାଇଜଡ୍ ପିଆର୍ଏସ୍ ଟିକେଟ୍ କାଉଣ୍ଟରରେ ମିଳିବ ବୋଲି ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ କୁହାଯାଇଛି । ଜୁନ୍ ପହିଲାରୁ ଚାଲିବାକୁ ଥିବା ୨୦୦ ଟ୍ରେନ ଏବଂ ଦିଲ୍ଲୀରୁ ବିଭିନ୍ନ ସ୍ଥାନକୁ ବର୍ତ୍ତମାନ ଚାଲୁଥିବା ୧୫ଟି ସ୍ୱତନ୍ତ୍ର ଟ୍ରେନ ପାଇଁ ଯାତ୍ରୀମାନେ ଟିକେଟ୍ ବୁକିଂ କରିପାରିବେ ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି ।

ନିତିଦିନ NITIDIN Sat, May 23, 2020
http://odishanewsnitidin.com